# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 14 November - 2024

### News Editor : Tapan Kumar Maharana

********************************

## ମୁଖ୍ୟ ସମ୍ବାଦ

- ପ୍ରାଥମିକ ଶିକ୍ଷାକୁ ଅଧିକ ଲୋକପ୍ରିୟ କରିବା ପାଇଁ ପ୍ରତି ପଞ୍ଚାୟତରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରାଯିବ; କହିଲେ ମୁଖ୍ୟମନ୍ତ୍ରୀ

- ଦେଶର ଅର୍ଥନୈତିକ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସମବାୟ ଅନୁଷ୍ଠାନଗୁଡ଼ିକର ଭୂମିକାକୁ ଲୋକାଭିମୁଖୀ କରିବା ନେଇ ପାଳନ କରାଯାଉଛି ସମବାୟ ସପ୍ତାହ

- ଆସନ୍ତାକାଲିଠାରୁ କଟକରେ ଆରମ୍ଭ ହେବ ଐତିହାସିକ ବାଲିଯାତ୍ରା

ଏବଂ

- ବାଧାକୁ ପ୍ରତିହତ କରି ଶୂନ୍ୟ ସ୍ଥାନକୁ ସଂକୀର୍ଣ୍ଣତା କରିବା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ମଧୁମେହ ଦିବସ

***BBSR***

## ଶିଶୁ ସୁରଭି

ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ଶିଶୁ ଦିବସ ସମାରୋହ- ସୁରଭିର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପ୍ରାଥମିକ ଶିକ୍ଷାକୁ ଅଧିକ ଲୋକପ୍ରିୟ କରିବା ପାଇଁ ପ୍ରତି ପଞ୍ଚାୟତରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହେବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ଗୋଦାବରୀଶ ମିଶ୍ର, ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରି କହିଛନ୍ତି, ରାଜ୍ୟରେ ଥିବା ୧୦୦ ବର୍ଷରୁ ଅଧିକ ପୁରୁଣା ଏବଂ ଐତିହ୍ୟ ବହନ କରୁଥିବା ୫୧ଟି ବିଦ୍ୟାଳୟର ଐତିହ୍ୟ ସୁରକ୍ଷାକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ। ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମର ଲୋଗୋ ଏବଂ ସୂଚନା ପୁସ୍ତିକାକୁ ଆଜି ଉନ୍ମୋଚନ କରିଛନ୍ତି।

**- V/O -**

***BBSR/R***

## ସମବାୟ ସପ୍ତାହ

ଦେଶର ଅର୍ଥନୈତିକ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସମବାୟ ଅନୁଷ୍ଠାନଗୁଡ଼ିକର ପ୍ରମୁଖ ଭୂମିକା ରହିଛି। କେନ୍ଦ୍ର ସରକାର ସମବାୟ ଭିତ୍ତିକ ଋଣ ଢାଞ୍ଚା ବୃଦ୍ଧିକୁ ପ୍ରାଥମିକତା ଦେଇ ଚଳିତ ଆର୍ଥିକ ବର୍ଷର ବଜେଟ୍‌ରେ ସମବାୟ କ୍ଷେତ୍ର ସହ ଜଡ଼ିତ ଶିଳ୍ପଗୁଡ଼ିକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି। ସମବାୟ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟର ଜିଲ୍ଲା କେନ୍ଦ୍ରୀୟ

ସମବାୟ ବ୍ୟାଙ୍କ ମାଧ୍ୟମରେ ସମବାୟ ସମିତିଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି। ତୃଣମୂଳସ୍ତରରେ ସମବାୟ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ସରକାର ସମବାୟ ନୀତି-୨୦୦୨କୁ ଗୁରୁତ୍ୱ ଦେଇଛନ୍ତି। ବର୍ତ୍ତମାନ ଦେଶରେ ପ୍ରାୟ ୮ ଲକ୍ଷ ୫୦ ହଜାର ସମବାୟ ସମିତି ରହିଛି। ୨୦୨୯ ମସିହା ସୁଦ୍ଧା ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ପ୍ରାଥମିକ ବହୁମୁଖୀ କୃଷି ଋଣ ସମବାୟ ସମିତି ପ୍ରତିଷ୍ଠା କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମବାୟ ଭବନଠାରେ ନିଖିଳ ଭାରତ ସମବାୟ ସପ୍ତାହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ସମବାୟ ସଂଘ ତରଫରୁ ପ୍ରକାଶିତ ମାର୍ଗଦର୍ଶିକା ଉନ୍ମୋଚନ କରି ରାଜ୍ୟରେ ସମବାୟ ଆନ୍ଦୋଳନର ଇତିହାସ ସମ୍ପର୍କରେ ଆଲୋଚନା କରିବା ସହ ସମବାୟ ଆନ୍ଦୋଳନକୁ ତୃଣମୂଳ ସ୍ତରରେ ପହଁଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ରାଜ୍ୟ ବିଜେପି କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସମବାୟ ବିଭାଗର ବିନା ସହଯୋଗରେ ଖାଦ୍ୟ ଯୋଗାଣ ବିଭାଗ ଆଗେଇପାରିବ ନାହିଁ ବୋଲି କହିଛନ୍ତି। ଆସନ୍ତା ମାସ ୮ ତାରିଖରେ ବରଗଡ଼ ସୋହେଲାଠାରେ ଚାଷୀ ସମାବେଶ ଅନୁଷ୍ଠିତ ହେବ। ସେଠାରେ ଚାଷୀଙ୍କୁ ସାମୂହିକ ଭାବେ ଧାନର

କୁଇଣ୍ଟାଲ ପିଛା ୮୦୦ ଟଙ୍କା ଇନ୍‌ପୁଟ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

***HS***

## ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର

ଭୁବନେଶ୍ୱରସ୍ଥିତ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆଜି ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରର ବିଜେତାମାନଙ୍କ ନାମ ଘୋଷଣା କରାଯିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ।

***HS***

## ବାଣିଜ୍ୟ ମେଳା ଶୁଭାରମ୍ଭ

ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ନୂଆଦିଲ୍ଲୀର ପ୍ରଗତି ମଇଦାନସ୍ଥିତ ଭାରତ ମଣ୍ଡପରେ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ଶୁଭାରମ୍ଭ ଅବସରରେ ଓଡିଶା ପ୍ୟାଭିଲିୟନକୁ ଉଦଘାଟନ କରିବେ। ପ୍ୟାଭିଲିୟନରେ ମହିଳା ସଶକ୍ତିକରଣ, କଳା ଓ ସଂସ୍କୃତି ଏବଂ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ପ୍ରତି ରାଜ୍ୟର ପ୍ରତିବଦ୍ଧତା ପ୍ରତିଫଳିତ ହେବ।

***CTC***

## କଟକ– ବାଲିଯାତ୍ରା

କଟକରେ ଆସନ୍ତାକାଲିଠାରୁ ଐତିହାସିକ ବାଲିଯାତ୍ରା ଆରମ୍ଭ ହେଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଅପରାହ୍ନ ସାଢ଼େ

୫ଟାରେ ବାଲିଯାତ୍ରା ଉତ୍ସବକୁ ଉଦ୍‌ଘାଟନ କରିବେ। ଚଳିତ ବର୍ଷ ଉଭୟ ଉପର ଓ ତଳ ପଡ଼ିଆରେ ଯାତ୍ରାର ଆୟୋଜନ କରାଯାଇଛି। କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଆଜି ସକାଳେ ବାଲିଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଚଳିତଥର କଡ଼ାକଡ଼ିଭାବେ ରାସ୍ତାକଡ଼ରେ ଉଠାଦୋକାନୀମାନଙ୍କୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସମ୍ପୂର୍ଣ୍ଣ ବାଲିଯାତ୍ରାକୁ ସିସିଟିଭି ସର୍ବେକ୍ଷଣରେ ରଖାଯିବା ସହ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ଗ୍ରହଣ କରାଯାଇଛି। ବାଲିଯାତ୍ରା ଆସନ୍ତାକାଲିଠାରୁ ଆରମ୍ଭ ହୋଇ ଚଳିତ ମାସ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ।

***CTC/Puri/Sonepur***

## ପଞ୍ଚୁକବ୍ରତ

କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତିଥିରେ ଆଜି ଶ୍ରୀମନ୍ଦିରରେ ଆଡ଼କିଆ ତଥା ତ୍ରିବିକ୍ରମ ବେଶରେ ଶ୍ରୀଜୀଉମାନେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି। ଅବକାଶ ନୀତି ପରେ ପୁଷ୍ପାଳକ ସେବକମାନେ ବିଭିନ୍ନ ସ୍ୱର୍ଣ୍ଣ ଅଳଙ୍କାର ସହିତ ହଳ, ମୂଷଳ, ଶଙ୍ଖ, ଚକ୍ର ଏବଂ ପାଟବସ୍ତ୍ର ଇତ୍ୟାଦିରେ ଠାକୁରମାନଙ୍କୁ ସୁସଜ୍ଜିତ କରିଥିଲେ।

ସୁବର୍ଣ୍ଣପୁର ଜିଲ୍ଲା ତ୍ରିକୁଟ ପାହାଡ଼ସ୍ଥିତ ପାତାଳି ଶ୍ରୀକ୍ଷେତ୍ରଠାରେ ତିନିଠାକୁର' ତ୍ରିବିକ୍ରମ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି । ପାତାଳି

ଶ୍ରୀକ୍ଷେତ୍ର, ଚନ୍ଦ୍ରମଣି ଦାସ ମଠ, ବଡ଼ଖମାର ଗାଁର ଶ୍ୟାମ ସୁନ୍ଦର କୁଞ୍ଜ କୁଟୀର ସହିତ ଦେଉଳଝରି ମଠରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଛି ।

କଟକ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରଙ୍କ ପଞ୍ଚକ ଯାତ୍ରା ଚାଲିଛି । ଆଜି ସକାଳୁ ପୀଠରେ ଜୀଉଙ୍କ ଦର୍ଶନ ଓ ଗଜଭୋଗ ପାଇଁ ଭିଡ଼ ଲାଗି ରହିଛି ।

***Puri***

## ପୁରୀ – ଡଙ୍ଗାଭସା

ଶ୍ରୀକ୍ଷେତ୍ର ପୁରୀରେ କାର୍ତ୍ତିକ ପୂର୍ଣ୍ଣମୀ ପାଇଁ ଆସନ୍ତାକାଲି ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ମହାପ୍ରଭୁଙ୍କର ସୁନାବେଶ ଦର୍ଶନ ସହ ମହୋଦଧି ଓ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ଡଙ୍ଗା ଭସାଇବା ଲାଗି ବହୁ ସଂଖ୍ୟାରେ ଲୋକମାନଙ୍କର ଭିଡ଼ ହେବାର ସମ୍ଭାବନା ରହିଛି । ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ପାଇଁ ୩୬ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତାୟନ କରାଯିବା ସହ ସମୁଦ୍ର କୂଳରେ ଲାଇଫ ଗାର୍ଡ ବ୍ୟବସ୍ଥା କରାଯାଇଛି । ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିବେ ।

*HS*

## ଦୁଇଦିନିଆ ଚିନ୍ତନ ଶିବିର

କେନ୍ଦ୍ର ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଆଜିଠାରୁ ଦୁଇ ଦିନିଆ ଭୁବନେଶ୍ୱରସ୍ଥିତ ଆଇଟିସିଠାରେ ଦୁଇଦିନିଆ ଚିନ୍ତନ ଶିବିର ଆୟୋଜନ କରାଯାଇଛି। କେନ୍ଦ୍ର ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏହି କାର୍ଯ୍ୟକ୍ରମକୁ ଆଜି ଉଦଘାଟନ କରିଛନ୍ତି। ୨୦୩୦ ମସିହା ସୁଦ୍ଧା ୫୦୦ ଗିଗାୱାଟ୍ ଲକ୍ଷ୍ୟ ହାସଲ କରିବା ଏବଂ ୨୦୪୭ ମସିହା ସୁଦ୍ଧା ୧୮୦୦ ଗିଗାୱାଟ୍ ଅକ୍ଷୟ ଶକ୍ତି ଲକ୍ଷ୍ୟ ହାସଲ ଦିଗରେ ଏହି କାର୍ଯ୍ୟକ୍ରମରେ ଏହି ଗୁରୁତ୍ୱ ଦିଆଯାଇଛି।

*Nayagarh*

## ପୋଷ୍ୟମାସ ପାଳନ

ନୟାଗଡ଼ଠାରେ ପୋଷ୍ୟମାସ ପାଳନ ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ' ଏକ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପୋଷ୍ୟ ସନ୍ତାନ ଗ୍ରହଣ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ବୃଦ୍ଧି କରିବା, ପ୍ରତିପାଳକ ଯତ୍ନ ବ୍ୟବସ୍ଥାର ସଠିକ୍ କାର୍ଯ୍ୟକାରିତା ନେଇ କର୍ମଶାଳାରେ ଆଲୋଚନା ହୋଇଥିଲା।

*Nayagarh*

## ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

ନୟାଗଡ଼ କାରାଗାରରେ ଅନ୍ତେବାସୀମାନଙ୍କ ପାଇଁ ବିଶେଷ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ୍.ସୁଶ୍ରୀ ଉଦ୍‌ଘାଟନ କରିଛନ୍ତି । ତାଲିମ କାର୍ଯ୍ୟକ୍ରମରେ ୬୦ ଜଣ ଅନ୍ତେବାସୀଙ୍କୁ ବିଭିନ୍ନ କାର୍ଯ୍ୟକୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ । କାର୍ଯ୍ୟକ୍ରମରେ ଜିଲ୍ଲା ଦକ୍ଷତା ବିକାଶ କେନ୍ଦ୍ରର ଅଧିକାରୀମାନେ ତାଲିମ ଦେଉଛନ୍ତି ।

*Desk*

## ମଧୁମେହ ଦିବସ

ବାଧାକୁ ପ୍ରତିହତ କରିବା ଏବଂ ଶୂନ୍ୟସ୍ଥାନକୁ ସଂକୀର୍ଣ୍ଣ କରିବାର ବାର୍ତ୍ତା ନେଇ ଆଜି ବିଶ୍ୱ ମଧୁମେହ ଦିବସ ପାଳନ କରାଯାଉଛି । ମଧୁମେହ ରୋଗ ବିଷୟରେ ସଚେତନ ସୃଷ୍ଟି କରିବା ଏହି ଦିବସର ପାଳନର ମୂଳଲକ୍ଷ୍ୟ । ମଧୁମେହ ରୋଗ ଏକ ମହାମାରୀ ରୂପେ ପୃଥିବୀରେ ଦେଖାଦେଇଛି । କମ୍ ବୟସର ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ମଧୁମେହ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ମଧୁମେହ ରୋଗରେ ଆକ୍ରାନ୍ତ ହେଲେ ରକ୍ତରେ ସର୍କରାର ପରିମାଣ ବୃଦ୍ଧି ପାଇଥାଏ । ମଧୁମେହ ଦ୍ୱାରା ବ୍ୟକ୍ତି ଜଣକର ରୋଗ ପ୍ରତିରୋଧକ ଶକ୍ତି କମିବା ସହିତ ଶରୀରର ଅଙ୍ଗପ୍ରତ୍ୟେଙ୍ଗ ଉପରେ ପ୍ରଭାବ ପକାଇଥାଏ । ବିଶ୍ୱରେ ସର୍ବାଧିକ ସଂଖ୍ୟକ

ମଧୁମେହ ରୋଗୀ ଦେଶଗୁଡ଼ିକ ମଧ୍ୟରେ ଭାରତ ଅନ୍ୟତମ। ଭାରତରେ ପ୍ରାୟ ୭ କୋଟି ୭୦ ଲକ୍ଷ ଲୋକ ମଧମେହ ରୋଗରେ ପୀଡ଼ିତ ଅଛନ୍ତି। ସେହିଭଳି ୨୫ କୋଟି ଲୋକ ପ୍ରାକ୍ ମଧୁମେହରେ ଆକ୍ରାନ୍ତ ଥିବା ଜଣାପଡ଼ିଛି। ପୃଥିବୀର ମୋଟ୍ ମଧୁମେହ ରୋଗୀଙ୍କ ମଧ୍ୟରୁ ୧୭ ପ୍ରତିଶତ ମଧୁମେହ ରୋଗୀ ଭାରତରେ ଅଛନ୍ତି। ଦେଶରେ ମଧୁମେହ ରୋଗୀଙ୍କ ସଂଖ୍ୟା ବଢ଼ିବାର ଏକ ମୁଖ୍ୟ କାରଣ ହେଉଛି ଅର୍ଦ୍ଧାଧିକ ଲୋକ ଏହି ରୋଗ ବିଷୟରେ ସଚେତନ ନାହାଁନ୍ତି। ଏକ ଆକଳନ ଅନୁସାରେ ୨୦୪୫ ମସିହା ସୁଦ୍ଧା ପ୍ରାୟ ସାଢ଼େ ୧୩ କୋଟି ଲୋକ ମଧୁମେହ ରୋଗରେ ଆକ୍ରାନ୍ତ ହୋଇପାରନ୍ତି। ସାବଧାନତା ସହିତ ଶାରୀରିକ ପରିଶ୍ରମ ଏବଂ ଜୀବନଶୈଳୀରେ ପରିବର୍ତ୍ତନ, ନିୟମିତ ବ୍ୟାୟାମ, ଚାଲିବା ଓ ଅଧିକ ସର୍କରା ଯୁକ୍ତ ଖାଦ୍ୟ ଠାରୁ ଦୂରେଇ ରହିପାରିଲେ ମଧୁମେହ ରୋଗର ଆଶଙ୍କା ଦୂର ହୋଇଥାଏ।

***BBSR/R***

## ଆନ୍ତଃରାଜ୍ୟ ବିବାଦ ପ୍ରସଙ୍ଗ

ବିଭିନ୍ନ ପ୍ରସଙ୍ଗରେ ଅନ୍ୟ ରାଜ୍ୟ ସହିତ ରହିଥିବା ମତଭେଦର ସମାଧାନ ଲକ୍ଷ୍ୟରେ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ

ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟିରେ ଏହି ନିଷ୍ପତ୍ତି ନିଆଯାଇଛି । ଆନ୍ତଃ ରାଜ୍ୟ ବିବାଦ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ଏହି ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ଆଡ୍‌ଭୋକେଟ୍ ଜେନେରାଲ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ ।

***IPR***

## ନ୍ୟାୟପାଳିକା ବୈଠକ

ଗଣତାନ୍ତ୍ରିକ ବିଧିବ୍ୟବସ୍ଥାରେ ପରିବର୍ତ୍ତିତ ପରିସ୍ଥିତି ଏବଂ ବିଭିନ୍ନ ବର୍ଗର ଲୋକଙ୍କ ସୁବିଧା ଅସୁବିଧାକୁ ଦୃଷ୍ଟିରେ ରଖି ଆଇନ ପ୍ରଣୟନ କରାଯାଇଥାଏ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି । ବିଧାନସଭା ନୂତନ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଓଡ଼ିଶା ବିଚାର ବିଭାଗୀୟ ଅଧିକାରୀ ଶିକ୍ଷାନବୀଶଙ୍କ ଜ୍ଞାନସଂସ୍କାର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବାଚସ୍ପତି ଏହା କହିଛନ୍ତି । ତ୍ୱରିତ ନ୍ୟାୟ ପ୍ରଦାନ ଏବଂ ଏହାର ସୁଫଳ ତୃଣମୂଳ ସ୍ତରରେ ପହଞ୍ଚାଇବା ଉପରେ ବାଚସ୍ପତି ଗୁରୁତ୍ୱାରୋପ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉପବାଚସ୍ପତି ଭବାନୀଶଙ୍କର ଭୋଇ ପ୍ରମୁଖ ଯୋଗଦେଇ ବିଧାନସଭା ଏବଂ ନ୍ୟାୟପାଳିକାର କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଥିଲେ ।